# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



ଏକ ଧର୍ମଯାଜକ
ଯୀଶୁଙ୍କୁ ଭେଟିବାକୁ
ଆସିଲେ

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯେତେବଳେ ଯୀଶୁ ମନ୍ଦିରକୁ ଗଲେ, ସେ ଲୋକମାନଙ୍କୁ ପରମେଶ୍ୱରଙ୍କ ଗୃହକୁ ଅଶୁଚି କରୁଥିବାର ଦେଖିଲେ, ସେମାନେ ମନ୍ଦିର ଭିତରେ ପଶୁପକ୍ଷି କ୍ରୟ ବିକ୍ରୟ ଓ ମୁଦ୍ରା ବ୍ୟବସାୟ କରୁଥିଲେ ।



ସେ ସମାନଙ୍କୁ ନିୟମକୁ ମନେ କରାଇଲେ, ଯୀଶୁ ସେହି ବେପାରିମାନଙ୍କୁ ମନ୍ଦିରରୁ ବାହାରକୁ ତଡ଼ିଦେଲେ । ଏହି ସମସ୍ତ ବାହାରକୁ ନେଇଯାଅ, ସେ ଆଜ୍ଞା ଦେଲେ । ମୋହର ପିତାଙ୍କ ଗୃହକୁ ବ୍ୟାବସାୟ ସ୍ଥଳୀ କରନାହିଁ । ଯୀଶୁ ତାଙ୍କ ପିତାଙ୍କ ଗୃହକୁ ଆଦର କରୁଥିଲେ ।





ଧର୍ମଗୁରୁମାନେ
ପଚ଼ାରିଲେ ଯେଉଁ
ଅଧିକାରରେ ତୁମେ
ମନ୍ଦିରକୁ ପରିଷ୍କାର
କରୁଅଛ ତାହାର
ପ୍ରମାଣାର୍ଥେ ଏକ
ଚ଼ିହ୍ନ ଦେଖାଅ ବୋଲି
ଦାବୀ କଲେ ।



ଏହି ମନ୍ଦିରକୁ ନାସ
କର ଓ ମୁ ଏହାକୁ
ତୃତୀୟ ଦୀନରେ
ଉତ୍‌ଥାନ କରିବି, ଯୀଶୁ
କହିଲେ । ଅସମ୍ଭବ,
ସେହି ମନ୍ଦିର ଗଢ଼ିବାକୁ
ପ୍ରାୟ ଛୟାଳିଶ ବର୍ଷ
ଲାଗିଥିଲା ।

କିନ୍ତୁ ଯୀଶୁ ନିଜ ଶରିର ବିଷୟରେ ଏହା କହିଥିଲେ ।
ମନ୍ଦୀର ପରି, ତାଙ୍କର ଶରୀର ପରମେଶ୍ୱରଙ୍କ
ବାସସ୍ଥାନ,  ଯଦିବା ଯୀଶୁ ଯେ
କୃଶରେ ହତ ହେବେ ଓ ତୃତୀୟ
ଦୀନରେ ପରମେଶ୍ୱର ତାଙ୍କୁ
ମୃତୁରୁ ଉଠାଇବେ ଏହା
ସେ ଜାଣିଥିଲେ ।





ରାତ୍ର ସମୟରେ,
ଜଣେ ଧର୍ମଯାଜକ ଯୀଶୁଙ୍କୁ
ଭେଟିବାକୁ ଆସିଲେ । ସେ
ଯେ ପରମେଶ୍ୱରଙ୍କଠାରୁ
ପ୍ରେରିତ ଏହା ସେ ତାଙ୍କ
ଆଶ୍ଚର୍ଯ୍ୟ କର୍ମରୁ ଜାଣିଥିଲେ ।
ନିକଦୀମ ପରମେଶ୍ୱରଙ୍କ
ବିଷୟରେ ଅଧିକ ଜାଣିବା
ନିମନ୍ତେ ଯୀଶୁଙ୍କ
ନିକଟକୁ ଆସିଲେ ।



ଯୀଶୁ ନିକଦୀମଙ୍କୁ କହିଲେ ଯଦି କେହି ପୁନର୍ବାର ଜନ୍ମ ନହେଲେ କେହି ପରମେଶ୍ୱରଙ୍କ ରାଜ୍ୟକୁ ଯାଇ ପାରେନାହିଁ । ନିକଦୀମ କିଛି ବୁଝି ପାରିଲେ ନାହିଁ । କିପରି ଭାବରେ ଜଣେ ବୃଦ୍ଧାଲୋକ ପୁଣିଥରେ ଛୋଟ ପିଲା ହୋଇପାରେ, ସେ ମଧ୍ୟ ଏକ ଧର୍ମାବଲମ୍ବୀ ଥିଲେ । ତାହା କଣ ଯଥେଷ୍ଟ ନଥିଲା ।



ଯାହା ଆତ୍ମାରୁ ଜାତ ତାହା
ଆତ୍ମା ଅଟେ, ଯୀଶୁ ତାଙ୍କୁ
ବୁଝାଇଲେ । ପରମେଶ୍ୱରଙ୍କ
ଆତ୍ମା ବାୟୁ ପରି ଅଟଇ ।
ଲୋକେ ତାହା ଦେଖନ୍ତି
ନାହିଁ କିମ୍ବା ବୁଝିପାରନ୍ତି
ନାହିଁ । ସେମାନେ କେବଳ
ବାୟୁ ଯାହା କରେ ତାହା
ଦେଖନ୍ତି ।




ଇସ୍ରାଏଲ୍ ସନ୍ତାନ ମାନଙ୍କ ବିଷୟରେ କହିଲେ ଯେଉଁମାନେ କି ଅନେକ ବର୍ଷ ଆଗରେ ମୋଶାଙ୍କୁ ଅଭିଯୋଗ କଲେ । ସେମାନେ କହିଲେ ଆମ୍ଭମାନଙ୍କ ପାଖରେ ଖାଦ୍ୟ ନାହିଁ, ପାଣି ନାହିଁ, ଏବଂ ଆମ୍ଭେ ପରମେଶ୍ୱରଙ୍କ ଦତ୍ତ ଖାଦ୍ୟକୁ ଘୃଣା କରୁ ।


ଲୋକମାନଙ୍କର ଏହି ପାପହେତୁ
ପରମେଶ୍ୱର କ୍ରୋଧକଲେ । ସେ ଅଗ୍ନିସମ ସର୍ପ ସେମାନଙ୍କ
ମଧ୍ୟକୁ ପ୍ରେରଣ କଲେ । ଅନେକଙ୍କୁ ସର୍ପ କାମୁଡ଼ିଲେ । ସର୍ପ କାମୁଡ଼ାରେ
ଅନେକେ ପ୍ରାଣ ହରାଇଲେ ।

ଆମ୍ଭେମାନେ ପାପ କରିଅଛୁ ।
ପ୍ରାର୍ଥନା କର ଯେପରି ପରମେଶ୍ୱର ଏହି
ସର୍ପମାନଙ୍କୁ ଉଠାଇନେବେ, ଲୋକମାନେ
ଅନୁରୋଧ କଲେ । ତେଣୁ ମୋଶା
ସେମାନଙ୍କ ନିମନ୍ତେ ପ୍ରାର୍ଥନା କଲେ । କିନ୍ତୁ
ପରମେଶ୍ୱର ସର୍ପମାନଙ୍କୁ ନେଲେ ନାହିଁ ।





ପରମେଶ୍ୱର ମୋଶାଙ୍କୁ କହିଲେ
ଅଗ୍ନିସମ ସର୍ପ ନିର୍ମାଣକରି ତାହା
ଏକ କାଠରେ ସଜାଇ
ଉପରକୁ ଉଠାଅ ।



ଯେ ସମସ୍ତେ ସର୍ପାଘାତ ହୋଇଛନ୍ତି ଯଦି
କେହି ସେହି ଉପରକୁ ଉଠିଥିବା ସର୍ପକୁ ଦେଖିବେ
ତେବେ ବଂଞ୍ଚି ପାରିବେ, ପରମେଶ୍ୱର ପ୍ରତିଜ୍ଞା
କଲେ । ମୋଶା ପିତଳରେ ଏକ ସର୍ପ ନିର୍ମାଣ
କଲେ ଯେଉଁମାନେ ତାହା ଦେଖିଲେ
ସେ ସମସ୍ତେ ସୁସ୍ଥତା ପାଇଲେ ।


ଯୀଶୁ ନିକଦୀମଙ୍କୁ କହିଲେ,
ମନୁଷ୍ୟ ପୁତ୍ର ମଧ୍ୟ ନିଶ୍ଚତ ଭାବରେ
ସେହି ପିତଳ ସର୍ପ ପରି ଉପରକୁ
ଉଠାଯିବେ । ଯୀଶୁ ସେହି କୃଶ
ବିଷୟରେ କହୁଥିଲେ ଯେଉଁଠାରେ
ସେ ପାପିମାନଙ୍କ ନିମନ୍ତେ
ମରିବାକୁ ଯାଉଛନ୍ତି ।


ଯୀଶୁ କହିଲେ, ଈଶ୍ୱର ଜଗତକୁ
ଏତେ ପ୍ରେମ କଲେ ଯେ ସେ
ତାଙ୍କ ଅଦ୍ୱୀତୀୟ ପୁତ୍ରଙ୍କୁ
ଦାନ କଲେ, ...


... ଯେପରି ଯେ କେହି
ତାହାଙ୍କଠାରେ ବିଶ୍ୱାସ କରେ
ସେ ବିନଷ୍ଟ ନ ହୋଇ
ଅନନ୍ତ ଜୀବନ
ପ୍ରାପ୍ତ ହୁଏ ।


ଏହାର ଅର୍ଥ ଯେ କହି
ଯୀଶୁଙ୍କଠାରେ ବିଶ୍ୱାସ କରେ
ସେ ଈଶ୍ୱରଙ୍କ ପରିବାରରେ
ଜନ୍ମ ଗ୍ରହଣ
କରିଅଛି ।

ହୋଇପାରେ ସେହି ରାତ୍ରିରେ ନିକଦୀମ ଯୀଶୁଙ୍କର ଶିଷ୍ୟ ହେଲେ ନାହିଁ, କିନ୍ତୁ କେତେବର୍ଷ ପରେ, ନିକଦୀମ କ୍ରୁଶରେ ହତ ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କ ଶରୀରକୁ ସମାଧି କରିବାରେ ସହାଯ୍ୟ କରି ପ୍ରମାଣିତ କଲେ ଯେ ସେ ଯୀଶୁଙ୍କୁ ବିଶ୍ୱାସ ଓ ପ୍ରେମ କରୁଥିଲେ ।



ଏହାପରେ, ଯୀଶୁ ଓ ତାଙ୍କର ଶିଶ୍ୟମାନେ ଉତ୍ତର ଆଡ଼କୁ ଯାତ୍ରା କଲେ ।

ଅନ୍ୟ ଲୋକମାନେ ମଧ୍ୟ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଶୁଣିବା ଓ ନାଜରୀତୀୟ ଯୀଶୁ, ଈଶ୍ୱରଙ୍କ ପୁତ୍ରଙ୍କ ଉପରେ ବିଶ୍ୱାସ କରିବାର ସୁଯୋଗ ପାଇବା ଆବଶ୍ୟକ ।



# ଏକ ଧର୍ମଯାଜକ ଯୀଶୁଙ୍କୁ ଭେଟିବାକୁ ଆସିଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୨-୩, ଗଣନାପୁସ୍ତକ ୨୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚ଼ାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬